# NATIONAL NEWS BULLETIN (ODIA)
## 2 July - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ୫ଟି ରାଷ୍ଟ୍ରକୁ ଆଜିଠାରୁ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ

– ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ନେଇ ବିଭିନ୍ନ ନେତୃବୃନ୍ଦଙ୍କ ସହ କରିବେ ଆଲୋଚନା

- ଭାରତ ୧୦୦ଟି ରାଷ୍ଟ୍ରକୁ ୨୪ ହଜାର କୋଟି ଟଙ୍କା ସାମଗ୍ରୀ ରପ୍ତାନୀ କରିବାରେ ସମର୍ଥ ହୋଇଛି; କହିଲେ ପ୍ରତିରକ୍ଷା ମନ୍ତ୍ରୀ

- ଆସନ୍ତାକାଲି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାୟତ୍ତ ସଂସ୍ଥା ଅଧ୍ୟକ୍ଷମାନଙ୍କ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ବାଚସ୍ପତି

ଏବଂ

- ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ବର୍ତ୍ତମାନ ସୁଦ୍ଧା ଭାରତ ୨ ୱିକେଟ୍ ହରାଇ କରିଛି ୧୨୮ ରନ୍

# ଏମ୍ଇଏ-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଠାରୁ ପାଞ୍ଚଟି ରାଷ୍ଟ୍ର ଗସ୍ତ କରିଛନ୍ତି । ସେହି ରାଷ୍ଟ୍ର ଗୁଡ଼ିକ ହେଉଛି – ଘାନା, ତ୍ରିନିଦାଦ ଓ ଟୋବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ୍ ଏବଂ ନାମିବିୟା । ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ...

*ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀମୋଦୀ ଘାନାରେ ପହଞ୍ଚିବେ । ନୂଆଦିଲ୍ଲୀରୁ ପ୍ରସ୍ଥାନ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି ଦକ୍ଷିଣ ବିଶ୍ୱରେ ଘାନା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ରାଷ୍ଟ୍ର । ଆଫ୍ରିକୀୟ ସଂଘ ଏବଂ ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକର ଅର୍ଥନୈତିକ ସହଯୋଗରେ ଘାନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା, ନିବେଶ, ଶକ୍ତି, ସ୍ୱାସ୍ଥ୍ୟ, ସୁରକ୍ଷା, ସହଭାଗିତା ଆଦି ବିଭିନ୍ନ କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୋଚନ କରିବା ନେଇ ସେଠାକାର ନେତୃବୃନ୍ଦଙ୍କ ସହ ଆଲୋଚନା ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଆକାଶବାଣୀକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଘାନାରେ ଥିବା  ଭାରତର ଉଚ୍ଚାୟୁକ୍ତ ମନୀଷ ଗୁପ୍ତା କହିଛନ୍ତି, ଭାରତ ଓ ଘାନା ମଧ୍ୟରେ ଭାଗିଦାରୀ ସମ୍ପର୍କ ଅଧିକ ସୁଦୃଢ଼ ହୋଇପାରିବ। ଏହା ପଶ୍ଚିମ ଆଫ୍ରିକାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ। ଅର୍ଥନୀତି, ବାଣିଜ୍ୟ ଏବଂ ପୁଞ୍ଜିନିବେଶ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସ୍ତମ୍ଭ ହୋଇ ରହିବ ବୋଲି ସେ କହିଛନ୍ତି।*

ଆସନ୍ତାକାଲି ଶ୍ରୀ ମୋଦୀ ତ୍ରିନିଦାଦ ଓ ଟୋବାଗୋ ଯିବେ । ରାଷ୍ଟ୍ରପତି ଖ୍ରୀଷ୍ଟାଇନ୍ କାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସର୍ଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେଠାକାର ଯୁଗ୍ମ ସଂସଦୀୟ ଅଧିବେଶନରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ତୃତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୪ ତାରିଖ ଦିନ ଆର୍ଜେଣ୍ଟିନାରେ ପହଞ୍ଚିବେ । ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ମିଲେଇଙ୍କ ସହ ପ୍ରତିରକ୍ଷା, କୃଷି, ଖଣି ଖନନ, ତୈଳ ଓ ବାଷ୍ପ, ନବୀକରଣ ଶକ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶ ଭଳି ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିବେ ।

ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ୫ ତାରିଖରେ ବ୍ରାଜିଲ୍‌ରେ ପହଞ୍ଚିବେ । ବ୍ରାଜିଲ୍‌ର ରିଓ-ଡି-ଜେନେରିଓ ଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ୮ ତାରିଖ ପର୍ଯ୍ୟନ୍ତ ରହଣି ଅବସରରେ ଶାନ୍ତି, ସୁରକ୍ଷା, ବହୁ କ୍ଷେତ୍ରୀୟ ସଶକ୍ତିକରଣ, କୃତ୍ରିମ ବୁଦ୍ଧିମତାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ, ଅର୍ଥନୈତିକ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ସେଠାକାର ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ମତ ବିନିମୟ କରିବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ଜୁଲାଇ ୯ ତାରିଖରେ ନାମିବିୟା ଗସ୍ତରେ ଯିବେ । ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନାମିବିୟା ଗସ୍ତ । ସେଠାରେ ସେ ନାମିବିୟା ରାଷ୍ଟ୍ରପତି ନାନ୍ଦି

*ଏନ୍.ଦାୟିତ୍ୱାହାଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।*

*ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଆଦିତ୍ୟ ନାରାୟଣ ଦାଶ*

## ବିହାର-ରାଜନାଥ ବିଜେପି

ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ବିହାର ଗସ୍ତ କରିଛନ୍ତି। ଏହି ଗସ୍ତକାଳରେ ସେ ଦଳୀୟ କର୍ମୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରର ୧୧ ବର୍ଷ ଶାସନକାଳ ମଧ୍ୟରେ ବିଭିନ୍ନ ଜନକୈନ୍ଦ୍ରିକ ନୀତି ଏବଂ ପ୍ରକଳ୍ପ ସମ୍ପର୍କରେ ଜନସଚେତନତ ସୃଷ୍ଟି କରିବା ଲାଗି ଆହ୍ୱାନ ଦେଇଥିଲେ। ଏହି ସବୁ ପ୍ରକଳ୍ପ ଯୋଗୁଁ ଜନସାଧାରଣଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆସିପାରିଛି ବୋଲି ସେ କହିଛନ୍ତି। ପାଟଣାର ଜ୍ଞାନ ଭବନଠାରେ ବିଜେପିର ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକରେ ଉଦ୍‌ବୋଧନ ଦେଇ ସେ ଦଳୀୟ କର୍ମୀମାନଙ୍କୁ ଭାରତର ସମ୍ବିଧାନ ସମ୍ପର୍କରେ କଂଗ୍ରେସ ଏବଂ ଆର୍.ଜେ.ଡି.ର ମିଥ୍ୟା ପ୍ରଚାର ସମ୍ପର୍କରେ ଅବଗତ କରିଥିଲେ। ଆର୍.ଜେ.ଡି. ଶାସନ କାଳରେ ବିହାରରେ ଚାଲିଥିବା ଜଙ୍ଗଲରାଜକୁ ବିହାରବାସୀ କଦାପି ଭୁଲିପାରିବେ ନାହିଁ ଏହା ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ଅଧୋଗତି ଆଣିଥିଲା ବୋଲି ସେ କହିଛନ୍ତି। ଆର୍.ଜେ.ଡି.

ପଛୁଆବର୍ଗ ଏବଂ ଅନୁସୂଚିତ ଜାତି ବିରୋଧୀ ବୋଲି ଶ୍ରୀ ସିଂହ ଅଭିଯୋଗ କରି କହିଛନ୍ତି, ଆର୍.ଜେ.ଡି. ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କର ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକର ଏବଂ ଜନନାୟକ କର୍ପୁରୀ ଠାକୁରଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁନଥିଲେ। କେବଳ ଶାସନ କେନ୍ଦ୍ରରେ ରହିବା ତାଙ୍କ ଦଳର ମୁଖ୍ୟ ଲକ୍ଷ୍ୟ ଥିଲା ବୋଲି ଶ୍ରୀ ସିଂହ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଅମଳରେ ବିହାର ସମେତ ସମଗ୍ର ଦେଶ ପ୍ରଗତି ଦିଗରେ ଅଗ୍ରଗତି ହେଉଛି। ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଭାରତ ବିକାଶ ହାସଲ କରିଛି। ଭାରତ ୧୦୦ଟି ରାଷ୍ଟ୍ରକୁ ପ୍ରାୟ ୨୪ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ପାରିଛି। ଶ୍ରୀ ସିଂହ କହିଛନ୍ତି, ୨୦୨୯ ମସିହା ଶେଷ ବେଳକୁ ଭାରତର ପ୍ରତିରକ୍ଷା ଯନ୍ତ୍ରାଂଶ ରପ୍ତାନୀ ପରିମାଣ ୫୦ ହଜାର କୋଟି ଟଙ୍କା ଅତିକ୍ରମ କରିବ।

**V/O–Rajnath Singh**

ଅପରେସନ୍ ସିନ୍ଦୂର ଅଧୀନରେ ଭାରତର ସଫଳତାର ସହ ୧୦୦ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ଆତଙ୍କବାଦୀ ଶିବିରଗୁଡ଼ିକୁ ନଷ୍ଟ କରିବାରେ ସମର୍ଥ ହୋଇଥିଲା ବୋଲି ଶ୍ରୀ ସିଂହ କହିଛନ୍ତି।

# ଓମ୍ ବିର୍ଲା– କନଫରେନ୍ସ

ଲୋକସଭା ବାଚସ୍ପତି ଓମ୍ ବିର୍ଲା ହରିୟାଣାର ମାନେସରଠାରେ ଅଟୋମୋଟିଭ୍ ଟେକ୍ନୋଲୋଜି ଆନ୍ତର୍ଜାତୀୟ କେନ୍ଦ୍ରଠାରେ ଆସନ୍ତାକାଲି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାର ଅଧ୍ୟକ୍ଷମାନଙ୍କ ଜାତୀୟ ସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି ଦୁଇଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି ‘ସାମ୍ବିଧାନିକ ଗଣତନ୍ତ୍ର ଏବଂ ରାଷ୍ଟ୍ର ନିର୍ମାଣ ସୁଦୃଢ଼ କରିବା ନିମନ୍ତେ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାର ଭୂମିକା’। ଦେଶରେ ଦ୍ରୁତ ସହରାଞ୍ଚଳ ବିକାଶ ଦୃଷ୍ଟିରୁ ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏହି ସମ୍ମିଳନୀ ଗୁରୁତ୍ୱ ବହନ କରୁଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ସୁଦୃଢ଼ କରିବା, ଉତ୍ତମ ବ୍ୟବସ୍ଥାର ପ୍ରଚାର ପ୍ରସାର କରିବା, ନବସୃଜନ ପ୍ରକ୍ରିୟାକୁ ବ୍ୟାପକ କରିବା ମଧ୍ୟ ଏହି ସମ୍ମିଳନୀର ଲକ୍ଷ୍ୟ। ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିନିଧିମାନେ ପୌର ସଂସ୍ଥାଗୁଡ଼ିକର ସୁପରିଚାଳନା, ସାଧାରଣ ଜନତାଙ୍କ ଗୁଣାତ୍ମକ ଜୀବନଶୈଳୀର ମାନବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

# ଶାହା–ଡ୍ରଗ୍ କାର୍ଟେଲ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କେନ୍ଦ୍ର ସରକାର ବେଆଇନ ଔଷଧ କାରବାରରେ ଲିପ୍ତ ଥିବା ସଂଘଗୁଡ଼ିକୁ ଭାଙ୍ଗିବା ସହିତ ଯୁବପିଢ଼ିଙ୍କୁ ସୁରକ୍ଷା

ଦେବା ପାଇଁ ସଂକଳ୍ପବଦ୍ଧ ବୋଲି କହିଛନ୍ତି। ଅପରାଧିକ ନିଶାଦ୍ରବ୍ୟ ସଂଗଠନକୁ ଠାବ କରିବାରେ ସଫଳ ହୋଇଥିବା ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏବଂ ସମସ୍ତ ସଂସ୍ଥାଗୁଡ଼ିକୁ ସେ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ଶାହା କହିଛନ୍ତି, ଏହି ତଦନ୍ତ ସମସ୍ତ ସଂସ୍ଥାଗୁଡ଼ିକର ସମନ୍ୱୟର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛି। ଫଳରେ ଘଟଣା ସହ ସମ୍ପୃକ୍ତ ଆଠ ଜଣଙ୍କୁ ଗିରଫ କରାଯିବା ସହ ଚୋରାରେ ପଠାଯାଇଥିବା ସାମଗ୍ରୀ ଜବତ କରାଯାଇଛି। ଆମେରିକା, ଅଷ୍ଟ୍ରେଲିଆ, ଚାରୋଟି ମହାଦେଶ ଏବଂ ୧୦ରୁ ଊର୍ଦ୍ଧ୍ୱ ଦେଶରେ ଏହି ଅପରାଧିକ ନିଶାଦ୍ରବ୍ୟ କାରବାର କରୁଥିବା ସଂଗଠନଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

## ଗଡ଼କରୀ-ଗ୍ରୀନ୍ ଫିଲ୍ଡ

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ୨ ହଜାର କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ଅଟକଳ ସହିତ ୬୬ ଦଶମିକ ୯/୧ କିଲୋମିଟର ଲମ୍ବ ଚାରି ଲେନ୍ ବିଶିଷ୍ଟ ଗ୍ରୀନ୍ ଫିଲ୍ଡ ବନ୍ଦୀକ୍ୱି ସଂଯୋଗପଥ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗଡ଼କରୀ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଦିଲ୍ଲୀ-ଭଦୋଦରା ରାଜପଥ ଏବଂ ଜୟପୁର ମଧ୍ୟରେ ସିଧାସଳଖ ସଂଯୋଗ ସ୍ଥାପନ କରୁଛି। ସେ ଆହୁରି ମଧ୍ୟ କହିଛନ୍ତି, ଏହି ଯାତ୍ରା ନିମନ୍ତେ ପୂର୍ବରୁ ଯାତ୍ରୀମାନଙ୍କୁ ଅଧିକ ସମୟ ଲାଗୁଥିଲା। ମାତ୍ର ନୂତନ ସଂଯୋଗପଥ ଦ୍ୱାରା ଦିଲ୍ଲୀ ଏବଂ ଜୟପୁର ମଧ୍ୟରେ ଯାତ୍ରା ସମୟକୁ ୩ ଘଣ୍ଟା ୪୫ ମିନିଟରୁ

ମାତ୍ର ୩ ଘଣ୍ଟାକୁ ହ୍ରାସ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି ।

## ମାଣ୍ଡବ୍ୟ ଇଏଲ୍‌ଆଇ

ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆଜି କହିଛନ୍ତି ନିଯୁକ୍ତି ସଂଯୋଗ ପ୍ରୋତ୍ସାହନ ପ୍ରଦାନକାରୀ ଯୋଜନା- ଇ.ଏଲ୍.ଆଇ ଯୋଜନା ମାଧ୍ୟମରେ ଆଗାମୀ ଚାରି ବର୍ଷ ମଧ୍ୟରେ କର୍ମଚାରୀ ଏବଂ ନିଯୁକ୍ତିଦାତାମାନଙ୍କୁ ୧ ଲକ୍ଷ କୋଟି ଟଙ୍କା ଯୋଗାଇ ଦିଆଯିବ । ନୂଆଦିଲ୍ଲୀରେ ଗଣମାଧ୍ୟମ ସହ ଆଲୋଚନା କରି ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଏହି ଯୋଜନା ସରକାରଙ୍କ ନିଯୁକ୍ତି କୈନ୍ଦ୍ରୀକ ନୀତିର ଅଂଶସ୍ୱରୂପ । ସେ ଆହୁରି ମଧ୍ୟ କହିଛନ୍ତି, ଏହି ଯୋଜନା ଅଧୀନରେ ନୂତନ ଭାବେ ଚାକିରି ପାଇଥିବା ଯେକୌଣସି ଯୁବକଙ୍କୁ ବର୍ଷକୁ ଦୁଇଥର ୭ ହଜାର ୫୦୦ ଟଙ୍କା ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶର ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବା ପାଇଁ ଏକ ପାଞ୍ଚ ବର୍ଷୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିବା ଉପରେ ଶ୍ରୀ ମାଣ୍ଡବ୍ୟ ଆଲୋକପାତ କରିଛନ୍ତି ।

**V/O– Mansukh Mandaviya**

## ଜୟଶଙ୍କର- ଫିଲିପାଇନ୍ସ

ବୈଦେଶିକ  ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଫିଲିପାଇନ୍ସରେ ବୈଦେଶିକ ବ୍ୟାପାର ସଚିବ ଭାବେ ନିଯୁକ୍ତି ପାଇଥିବା ମାରିଆ ଥେରେସା ଲାଜାରୋଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।  ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର' ଭାରତ–ଫିଲିପାଇନ୍ସ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଦିଗରେ ସହଯୋଗ ପ୍ରକ୍ରିୟା ଜାରି ରହିବ ବୋଲି କହିଛନ୍ତି।

## ଇଣ୍ଡିଆ-ସିଙ୍ଗାପୋର

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ପି.କୁମାରନ ଆଜି ନୂଆଦିଲ୍ଲୀଠାରେ ସିଙ୍ଗାପୁର ବୈଦେଶିକ ମନ୍ତ୍ରଣାଳୟର ସ୍ଥାୟୀ ସଚିବଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଉଭୟ ପକ୍ଷ ଭାରତ–ସିଙ୍ଗାପୁର ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ରହିଥିବା ସହଯୋଗ ଓ ସମନ୍ୱୟର ସମୀକ୍ଷା କରିଛନ୍ତି।

## ତେଲଙ୍ଗାନା ଆକ୍ସିଡେଣ୍ଟ

ସିଗାଚି ଇଣ୍ଡଷ୍ଟ୍ରିଆଲ ଲିମିଟେଡ୍ ଗତ ସୋମବାର ଦିନ ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲାର ପଶାମିଲାରାମଠାରେ ଥିବା ଏହାର କେନ୍ଦ୍ରରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କୁ ୧ କୋଟି ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛି। କମ୍ପାନୀ ପକ୍ଷରୁ କୁହାଯାଇଛି

ଏହି ଦୁର୍ଘଟଣାରେ ୪୦ ଜଣ କର୍ମଚାରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି । ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିବା ସହିତ ତଦନ୍ତରେ ସାହାଯ୍ୟ କରିବା ପାଇଁ କମ୍ପାନୀ ପକ୍ଷରୁ କୁହାଯାଇଛି । ଏହି ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କାର ଅନୁକମ୍ପାମୂଳକ କ୍ଷତିପୂରଣ ରାଶି ଦିଆଯିବା ସହ ଆହତମାନଙ୍କୁ ପୂର୍ଣ୍ଣ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପ୍ଲାଣ୍ଟର କାର୍ଯ୍ୟ ପ୍ରାୟ ୯୦ ଦିନ ପାଇଁ ସ୍ଥଗିତ ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

## କ୍ରିକେଟ

ବର୍ମିଂହାମ୍‌ର ଏଜବାଷ୍ଟନ୍‌ଠାରେ ଚାଲିଥିବା ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ସିରିଜ୍‌ରେ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତ ବର୍ତ୍ତମାନ ସୁଦ୍ଧା ୩୪ ଦଶମିକ ୫ ଓଭରରେ ୨ଟି ଓ୍ୱିକେଟ୍ ହରାଇ ୧୨୮ ରନ୍ ସଂଗ୍ରହ କରିଛି । ଆଜିର ଖେଳରେ ଇଂଲଣ୍ଡ ପ୍ରଥମେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୭୫ ରନ୍ କରିଥିବାବେଳେ କରୁଣ ନାୟାର ୩୧ ରନ୍ କରିଛନ୍ତି । ଏହି ମ୍ୟାଚ୍‌ରେ ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିବାବେଳେ ପେସ୍ ବୋଲର ଆକାଶଦୀପଙ୍କୁ ପ୍ରଥମଥର ପାଇଁ ଖେଳାଯାଉଛି ।